ଏଯାଏ କରୋନା

| | |
|---|---|
| ଆକ୍ରାନ୍ତ | ୪୮,୪୯,୫୬୪ |
| ମୃତ | ୩,୧୭,୮୧୯ |
| ଆରୋଗ୍ୟ | ୧୮,୮୦,୧୪୧ |

www.sambadepaper.com/sambad.in

SAMBAD

# ସମ୍ବାଦ

Tuesday 19 May 2020 | Page 16 ₹ 7.00

ଭୁବନେଶ୍ୱର | ମଙ୍ଗଳବାର ୧୯ ମେ ୨୦୨୦ | ୧୬ ପୃଷ୍ଠା, ମୂଲ୍ୟ ୭ ଟଙ୍କା

PRINTED AT BHUBANESWAR | BALASORE | JEYPORE | BARGARH

BERHAMPUR






## ଟାଣୁଛି ଭିଟାମାଟି ମୋହ



# ଜୀବନକୁ ବାଜି ଲଗାଇ ଫେରୁଛନ୍ତି ପ୍ରବାସୀ

- ଟ୍ରକ୍‌ରେ ବିପଦସଂକୁଳ ଯାତ୍ରା
- ଜଗିବାକୁ କେହି ନାହାନ୍ତି

ବ୍ରହ୍ମପୁର, ୧୮/୫ (ଇମିସ): ପରିବାରର ଦୁର୍ବଳ ଆର୍ଥିକ ସ୍ଥିତିକୁ ନେଇ ଚିନ୍ତା ଘାରିଥିଲା। କିଛି ରୋଜଗାର ଆଶାରେ ଶେଷରେ ପରିବାରକୁ ଛାଡ଼ି ଅନ୍ୟ ରାଜ୍ୟକୁ ଯାଇଥିଲେ। କିଛି ଅର୍ଥ ଉପାର୍ଜନ କରି ଘରକୁ ଫେରିବେ ବୋଲି ଆଶା କରିଥିଲେ। ହେଲେ କରୋନା ସବୁ କିଛି ଧୂଳିସାତ କରି ଦେଲା। କରୋନା ଯୋଗୁଁ ଜାରି ହୋଇଥିବା ଲକ୍‌ଡାଉନ୍ ରୋଜଗାର ଛଡ଼ାଇ ନେଲା। ପରିସ୍ଥିତି ଏମିତି ହେଲା ଯେ ଦି' ଓଳି ଖାଇବାକୁ ମଧ୍ୟ ମିଳିଲା ନାହିଁ। ଗାଁରେ ଏକୁଟିଆ ଥିବା ପରିବାରବର୍ଗଙ୍କ ଚିନ୍ତା ବଢୁଥିବା ବେଳେ ଭିଟାମାଟିର ମୋହ ଘରକୁ ଫେରିବା ପାଇଁ ବାଧ୍ୟ କଲା। ଶେଷରେ ଏବେ ହଜାର ହଜାର ପ୍ରବାସୀ ଓଡ଼ିଆ ନିଜ ନିଜର ଘରକୁ ଫେରୁଛନ୍ତି। ପ୍ରତିଦିନ ଆନ୍ଧ୍ରପଟୁ ବସ୍, ଟ୍ରକ୍‌ରେ ଲୋକେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗିରିସୋଲା ଦେଇ ଆସୁଛନ୍ତି। ପୁଣି କିଛି ଲୋକ ନିରୁପାୟ ହୋଇ ଚାଲିଚାଲି ଫେରୁଛନ୍ତି। ଜୀବନକୁ ବାଜି ଲଗାଇ ଟ୍ରକ୍‌ରେ ବିପଦସଂକୁଳ ଯାତ୍ରା କରିବାକୁ ମଧ୍ୟ ପଛାଉ ନାହାନ୍ତି ପ୍ରବାସୀ। ଆଜି ଲାଞ୍ଜିପଲ୍ଲୀ ବାଇପାସ୍‌ରେ ଦେଖିବାକୁ ମିଳିଥିଲା ଏଭଳି ଏକ ଦୃଶ୍ୟ। ଏକ ୧୪ଚକିଆ ଟ୍ରକ୍‌ରେ ବିଭିନ୍ନ ପ୍ରକାର ସାମଗ୍ରୀ ଲୋଡ୍ ହୋଇଥିବା ବେଳେ ତା' ଉପରେ ବସି ପ୍ରବାସୀ ଶ୍ରମିକ ଫେରୁଥିବା ଦେଖିବାକୁ ମିଳିଥିଲା। ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ସେମାନେ ଫେରୁଥିବା ବେଳେ ସେମାନଙ୍କୁ ଜଗିବାକୁ କେହି ନାହାନ୍ତି। ଗିରିସୋଲାରେ ପ୍ରଶାସନ ଓ ପୁଲିସ ଜଗି ରହିଥିବା ବେଳେ ଏଭଳି ଯାତ୍ରାକୁ କିଭଳି ଅନୁମତି ପ୍ରଦାନ କରାଯାଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଲକ୍‌ଡାଉନ୍ ଯୋଗୁଁ ବିଭିନ୍ନ ରାଜ୍ୟରେ ଫସି ରହିଥିବା ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ହଜାର ହଜାର ଲୋକ ବସ୍‌ରେ ଘରକୁ ଫେରିଥିବା ବେଳେ ଏବେ ପ୍ରତିଦିନ ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ଶ୍ରମିକ ଟ୍ରେନ୍ ଆସୁଛି। ଆହୁରି ହଜାର ହଜାର ଲୋକେ ଆନ୍ଧ୍ର, ସୁରତ, ହାଇଦ୍ରାବାଦ, ବାଙ୍ଗାଲୁରୁ, ଚେନ୍ନାଇ ଭଳି ଅଞ୍ଚଳରେ ଫସି ରହିଛନ୍ତି। ଘରକୁ ଫେରିବା ପାଇଁ ସେମାନେ କୌଣସି ପ୍ରକାର ସୁବିଧା ନପାଇ ଶେଷରେ ବିଭିନ୍ନ ଟ୍ରକ୍‌ରେ ଫେରୁଛନ୍ତି। ଗତ କିଛିଦିନ ତଳେ ରାଜମହେନ୍ଦ୍ରୀରୁ ଟ୍ରକ୍‌ରେ ଓଡ଼ିଶା ଫେରୁଥିବା ଜଣେ ଶ୍ରମିକ ଜଗନ୍ନାଥପୁର ନିକଟରେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ପ୍ରତିଦିନ ଟ୍ରକ୍‌ରେ ଶ୍ରମିକମାନେ ବିପଦସଂକୁଳ ଅବସ୍ଥାରେ ଘରକୁ ଫେରୁଛନ୍ତି। ନଖାଇ ନପିଇ ବଡ଼ ଦୁଃଖକଷ୍ଟରେ ସେମାନେ ଆସୁଛନ୍ତି। ଏହି ଶ୍ରମିକମାନଙ୍କୁ ଜାତୀୟ ରାଜପଥ-୧୬ରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଖାଦ୍ୟ ବଣ୍ଟନ କରାଯାଉଛି। ଶ୍ରମିକମାନେ ଟାଣ ଖରାରେ ଖୋଲା ଟ୍ରକ୍‌ରେ ଯେଭଳି ସ୍ଥିତିରେ ଆସୁଛନ୍ତି ତାଙ୍କୁ ଦେଖିଲେ ଯେ କେହି ହେଲେ ଆହା କରିବେ। ପାଖରେ ଖାଦ୍ୟ ନାହିଁ କି ଶୋଷ ମେଣ୍ଟାଇବା ପାଇଁ ଟୋପାଏ ପାଣି ନାହିଁ। ଭୋକର ଜ୍ୱାଳା ସେମାନଙ୍କୁ କଲବଲ କରି ଦେଉଛି। ଏଭଳି କ୍ଷେତ୍ରରେ ଏମାନଙ୍କୁ ସାହା ହୋଇଛନ୍ତି ବିଭିନ୍ନ ଅନୁଷ୍ଠାନ।

ଆଜି ପ୍ରଗତିଶୀଳ ଉତ୍କଳ ସମାଜ, ୟୁନିଭର୍ସାଲ୍ ରିଲିଫ୍ ଟିମ୍, ପ୍ରୋଗ୍ରେସ୍ ଓ ମାରୱାଡ଼ି ମହିଳା ସଂଗଠନର ମିଳିତ ଆନୁକୂଲ୍ୟରେ ଲାଞ୍ଜିପଲ୍ଲୀ ବାଇପାସ୍‌ରେ ଶତାଧିକ ପ୍ରବାସୀ ଓଡ଼ିଆଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ସମାଜର ରାଜ୍ୟ ସମ୍ପାଦକ ତଥା ଆଇନଜୀବୀ ସରୋଜ ରଂଜନ ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ୍ତ କୁମାର ମିଶ୍ର, ସୂର୍ଯ୍ୟନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଶତାଧିକ ଶ୍ରମିକଙ୍କୁ ଖାଦ୍ୟ ଦିଆଯାଇଥିଲା। କିଛି ଖାଇବାକୁ ପାଇବା ପରେ ଶ୍ରମିକମାନେ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

the pioneer



BHUBANESWAR, TUESDAY MAY 26, 2020; www.dailypioneer.com PAGES 12 7C

# Ganjam outfits come to migrants' rescue

## Distribute food, masks, provide transport

PNS ■ BRAHMAPUR

The AMURT-GLOBAL in cooperation with the Pragatishila Utkal Samaj and Progress jointly distributed relief materials to hundreds of migrant workers on their way to home at NH-16 here.

The materials include cooked food packets, dry food packets, water bottles, butter milks, masks, biscuits, and homoeopath medicines to hundreds of such migrant workers at NH-16 near on the Lanjipalli bypass road.

While distributing relief and food materials, the volunteers of these social organisations have also conducted awareness programmes about Corona virus to sensitise the migrant workers about their role and responsibilities to combat Covid-19 pandemic along with undertaking an array of preventive measures, said Ranjan Pattnaik.



Nearly 35 volunteers joined the relief distribution and management programme. The migrant workers were also being provided masks, sanitization materials including liquid disinfectants. A large number of local volunteers also joined the relief drive and supported with conveyance/transport facilities to those migrant workers having small children and pregnant women, sources said.

Among others, State secretary of Prgatishilla Utkal SamajSaroj Ranjan Pattnaik, district president PK Mishra and convenor Manoranjan Sabat were present.

101 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2018-2020

- Brahmapur, Sunday 29 November 2020
- ବ୍ରହ୍ମପୁର, ରବିବାର ୨୯ ନଭେମ୍ବର ୨୦୨୦
- ଆଜି ବିଛା ୧୪ ଦିନ, ୧୪୨୮ ସାଲ
- ମାର୍ଗଶିର ୮ ଦିନ, ୧୯୪୨ ଶକାବ୍ଦ, ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
- ଭାଗ- ୯୧ ସଂଖ୍ୟା- ୩୨୫
- www.thesamaja.com
  www.samajaepaper.com
  www.samajalive.in

ଟ ୫.୦୦ (୧୬ ପୃଷ୍ଠା)

ସମାଜ The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM

|| राष्ट्रदेवो भव: ||
Domestic
MONOBLOCK PUMPS
CED Coated CI Parts

FCML - 212
*Condition Apply
Falcon®
A MACHINE FOR MANKIND
Since 1994
- Wide Voltage Operation & All Models Fitted with Mechanical Seal
- High Operating Efficiency
- Better Suction Lift
- Inbuilt Thermal Overload Protector
Mfg. by: Falcon Pumps Pvt. Ltd
DEALERSHIP INQUIRY SOLICITED*
Falcon Global Sales Pvt. Ltd. - Bhubaneswar
bbsr@falconpumps.in, info@falconpumps.in
81180 32888, 63535 32119 90999 53288

## ଦକ୍ଷିଣ ଓଡ଼ିଶା

### ଓଡ଼ିଶା ମିଲେଟ୍ସ ମିଶନ୍ ଦେଖାଇଛି ବଞ୍ଚିବାର ବାଟ

# ହସ ଫୁଟାଇଲା ମାଣ୍ଡିଆ ଚାଷ



ସୋରଡ଼ା, ୨୮।୧୧(ନି.ପ୍ର): କୃଷି ବହୁଳ ଗଞ୍ଜାମ ଜିଲାରେ ଅଧିକ ମାତ୍ରାର ଧାନ ଚାଷ ହେଉଛି। ଏହାବାଦେ ପୂର୍ବରୁ ଅନ୍ୟ କୌଣସି ଶସ୍ୟଜାତୀୟ ଚାଷ ସଫଳ ହୋଇପାରୁନଥିଲା। ଆଦିବାସୀ ଅଧ୍ୟୁଷିତ ସୋରଡ଼ା ବ୍ଲକ୍‌ର ଅଧିକାଂଶ ପଞ୍ଚାୟତ ପାହାଡିଆ ଓ ଜଙ୍ଗଲ ଜମି ହୋଇଥିବା ଯୋଗୁଁ ଧାନ ଚାଷ ସଫଳ ହୋଇପାରୁନଥିଲା ଏବଂ କୌଣସି ଶସ୍ୟଜାତୀୟ ଚାଷ କରିବା ପାଇଁ ଜ୍ଞାନକୌଶଳ ଓ ଇଚ୍ଛାଶକ୍ତିର ଅଭାବ ରହିଥିଲା। ଯଦ୍ୱାରା ଆଦିବାସୀମାନେ ଦାଦନ ଯିବାକୁ ବାଧ୍ୟ ହେଉଥିଲେ। ବର୍ତ୍ତମାନ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ରାଜ୍ୟର ୧୪ଟି ଜିଲାରେ ଚାଲିଥିବା ଓଡ଼ିଶା ମିଲେଟ୍ସ ମିଶନ୍ ଆଦିବାସୀଙ୍କୁ ଦେଖାଇଛି ନୂଆ ବାଟ।

ସମ୍ପୂର୍ଣ୍ଣ ଜୈବିକ ପଦ୍ଧତି ସାଙ୍ଗକୁ ଉନ୍ନତ ଜ୍ଞାନକୌଶଳରେ ପାହାଡ଼ିଆ ଜମିରେ ମାଣ୍ଡିଆ ଚାଷ କରି ବେଶ୍ ଲାଭବାନ ହୋଇପାରିଛନ୍ତି ସୋରଡା ବ୍ଲକର ଆଦିବାସୀ। ଓଡ଼ିଶା ମିଲେଟ୍ସ ମିଶନ୍ ସୋରଡ଼ା ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଛି। ବ୍ଲକ୍‌ର ମୋଟ ୨୬ଟି ପଞ୍ଚାୟତରୁ ୧୯ ପଞ୍ଚାୟତର ୧୧୮ ଗ୍ରାମରେ ପ୍ରାୟ ୫୬୫ ହେକ୍ଟର ଚାଷ ଜମିରେ ମାଣ୍ଡିଆ ଚାଷ କରାଯାଇଛି। ଗୌଡଗୋଠ, ଗାଜଲବାଡି, ଗୋଛା, ବଡଗୋଛା, ବଡ ବଦାଙ୍ଗି, ମେରିକୋଟ ଆଦି ପଞ୍ଚାୟତର ଅଧିକାଂଶ ଗ୍ରାମରେ ବାସ କରୁଥିବା ଆଦିବାସୀ ସଂପ୍ରଦାୟର ଜନସାଧାରଣ ବର୍ଷରେ କେବଳ ଧାନ ଚାଷ ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଓଡ଼ିଶା ମିଲେଟ ମିଶନ୍‌କୁ କାର୍ଯ୍ୟକାରୀ କରୁଥିବା "ପ୍ରୋଗ୍ରେସ୍" ନାମକ ଏକ୍ ସଂସ୍ଥା ଜରିଆରେ ସଚେତନ ହୋଇ ପାହାଡିଆ ଅଂଚଳରେ ମଧ୍ୟ ସଫଳ ମାଣ୍ଡିଆ ଚାଷ କରାଯାଉଛି। ଗୋଛା, ବଡବଦାଙ୍ଗି, ଗାଜଲବାଡି ପଞ୍ଚାୟତର ଅନେକ ପାହାଡ଼ିଆ ଗ୍ରାମରେ ଏସ୍.ଏମ୍.ଆଇ ପଦ୍ଧତି ଧାଡ଼ିରୁଆରେ ମାଣ୍ଡିଆ ଚାଷ କରାଯାଉଛି। ଉପଯୁକ୍ତ ଜ୍ଞାନକୌଶଳ ଯୋଗୁ କମ୍ ପରିଶ୍ରମରେ ଭଲ ଉତ୍ପାଦନ କରାଯାଇ ପାରୁଛି। ବଡବଦାଙ୍ଗି ପଞ୍ଚାୟତର ଆଦିବାସୀ ଗ୍ରାମ ମଧୁରବନ୍ଧ, ମାଲିଙ୍ଗପୁର, ମହୁଆପଲ୍ଲୀ ଆଦି ଗ୍ରାମରେ ମାଣ୍ଡିଆ ଚାଷ ବେଶ୍ ସଫଳ ହୋଇଛି। ଗତବର୍ଷ ଗେଞ୍ଜା ପଞ୍ଚାୟତ ବାଖରା ଗ୍ରାମର ଜଣେ ଆଦିବାସୀ ଚାଷୀ ରେକର୍ଡ ପରିମାଣର ମାଣ୍ଡିଆ ଉତ୍ପାଦନ କରି ଜାତୀୟସ୍ତରରେ ପୁରସ୍କୃତ ହୋଇଥିଲେ। ବ୍ଲକ୍‌ର ମୋଟ ୧୧୮ ଗ୍ରାମରେ ହେଉଥିବା ମାଣ୍ଡିଆ ଚାଷ ମଧ୍ୟରୁ ୯୦ ପ୍ରତିଶତ ଗ୍ରାମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହେଉଛି ବୋଲି "ପ୍ରୋଗ୍ରେସ୍" ର ସୋରଡା ବ୍ଲକ୍ ବି.ପି.ସି. ଟୁଟୁ ବିଷୋୟୀ ପ୍ରକାଶ କରିଛନ୍ତି। ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ୍ ଜରିଆରେ ଉତ୍ପାଦିତ ମାଣ୍ଡିଆର ବିକ୍ରି ପାଇଁ ସରକାରୀସ୍ତରରେ ମଣ୍ଡିର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ୩,୨୯୫ ଟଙ୍କା ରଖାଯାଇଛି ବୋଲି ସ୍ଥାନୀୟ କୃଷି ବିଭାଗ ତରଫରୁ କୁହାଯାଇଛି। ସରକାରଙ୍କ ତରଫରୁ ପାହାଡିଆ ଅଂଚଳରେ ସୌର ଚାଳିତ ଜଳସେଚନ ବ୍ୟବସ୍ଥା କରାଗଲେ ଏହି ଚାଷ ଆହୁରି ଆଦୃତ ହୋଇପାରିଥାଆନ୍ତା ବୋଲି ପୂର୍ବତନ ଆତ୍ମା ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାକୁଡ ପ୍ରକାଶ କରିଛନ୍ତି।




ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM



Brahmapur, Tuesday 15 December 2020 ■ ବ୍ରହ୍ମପୁର, ମଙ୍ଗଳବାର ୧୫ ଡିସେମ୍ବର ୨୦୨୦ ■ ଭାଗ- ୯୧ ସଂଖ୍ୟା- ୩୪୧ ■ ଆଜି ଧନୁ ୧ ଦିନ, ୧୪୨୮ ସାଲ ■ ମାର୍ଗଶିର ୨୪ ଦିନ, ୧୯୪୨ ଶକାବ୍ଦ, ଶୁକ୍ଳପକ୍ଷ ପ୍ରତିପଦା ■ www.thesamaja.com www.samajaepaper.com www.samajalive.in ଟ' ୫.୦୦ (୧୬ ପୃଷ୍ଠା)

## ପାରମ୍ପରିକ କୃଷି ପାଇଁ ନିଆରା ପ୍ରୟାସ

# ଜୈବିକ କୃଷକ ସଂଘ ଗଠନ, ସାମିଲା ହେଲେଣି ୨୫ ଗ୍ରାମର ଚାଷୀ

ସୋରଡ଼ା, ୧୪।୧୨ (ନି.ପ୍ର.): ବର୍ତ୍ତମାନ ଯୁଗରେ ରାସାୟନିକ ସାର ବ୍ୟବହାର ଅହେତୁକ ବୃଦ୍ଧି ପାଇଛି। ଧାନ ଚାଷଠାରୁଆରମ୍ଭ କରି ପନିପରିବା, ଶାଗ, ଚାଷରେ ହାନିକାରକ ରାସାୟନିକ ସାର ବ୍ୟବହାର କରାଯାଉଛି। କୀଟନାଶକ ନାମରେ ବିଭିନ୍ନ ପ୍ରକାର ପ୍ରାଣଘାତୀ ବିଷାକ୍ତ ରାସାୟନିକ ଔଷଧ ପ୍ରୟୋଗ ଫଳରେ ଅନେକ ସମୟରେ ସେସବୁ ଖାଇବା ଦ୍ୱାରା ବିଭିନ୍ନ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପରମ୍ପରାଗତ କୃଷି ବିକାଶ ଯୋଜନା ବର୍ତ୍ତମାନ ସମୟରେ ବେଶ୍ ଆଦୃତ ହେବାରେ ଲାଗିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ସୋରଡ଼ା ବ୍ଲକ୍‌ରେ। ବ୍ଲକ୍‌ର ୯ଗୋଟି ପଞ୍ଚାୟତର ୨୫ ଗ୍ରାମର ଶହଶହ ଚାଷୀ ବର୍ତ୍ତମାନ ପରମ୍ପରାଗତ କୃଷି ବିକାଶ ସହାୟତା ଯୋଜନାରେ ଜୈବିକ ସାର ପ୍ରୟୋଗ କରି ସଫଳ ଚାଷୀ ପାଲଟିଛନ୍ତି।

ରାଜ୍ୟ ସରକାରଙ୍କର କୃଷି ବିଭାଗ ତରଫରୁ ବିଭିନ୍ନ ଜିଲାରେ ପରମ୍ପରାଗତ କୃଷି ବିକାଶ ଯୋଜନା ଗତ କିଛିବର୍ଷ ହେଲା କାର୍ଯ୍ୟକାରୀ ହୋଇ ଆସୁଛି। ବ୍ଲକ୍‌ର ବୋରଦା, ଗୌଡ଼ଗୋଠ, ମେରିକୋଟ, ଗୋଛା, ଗାଜଲବାଡ଼ି, ଭଗବାନପୁର, ଜି.ପିଶାସନ, ଗୋଞ୍ଜା ଓ ପାଲକାଟୁ ଏପରି ୯ଗୋଟି ପଞ୍ଚାୟତର ୨୫ଟି ଗ୍ରାମରେ ବର୍ତ୍ତମାନ ଜୈବିକ ସାର ପ୍ରୟୋଗ କରିବିଭିନ୍ନ



ଫସଲ କରାଯାଉଛି। ପ୍ରତ୍ୟେକ ଗ୍ରାମରେ ୫୦ ଜଣ ଚାଷୀଙ୍କୁ ନେଇ ଜୈବିକ କୃଷକ ସଂଘ ନାମରେ ଏକ ସଂଘ ଗଠନ କରି ଏହି ଚାଷ କରାଯାଉଛି। ପ୍ରତ୍ୟେକ ସଂଘରେ ଅନ୍ୟୂନ ୫୦ ଜଣ ଚାଷୀ ରହୁଥିବା ବେଳେ ବ୍ଲକ୍‌ରେ ମୋଟ ୨୫ ଗୋଟି ଜୈବିକ କୃଷକ ସଂଘ ଗଠନ ହୋଇଛି। ସେମାନେ ବର୍ତ୍ତମାନ ଜୈବିକ ପଦ୍ଧତିରେ ବିରି, ମୁଗ, କୋଳଥ ବିଶେଷ କରି ବାଇଗଣ ଓ ଗୁଆଁର ଚାଷ କରୁଛନ୍ତି। ପ୍ରତ୍ୟେକ ଚାଷୀ ନିଜ ନିଜ ଜମିରେ ଜିଆ କୁଣ୍ଡ କରିବା ସହିତ ଧଣିଚା, ହାଣ୍ଡିଖତ ଓ ଜୀବାମୃତ ଆଦି ବ୍ୟବହାର କରି ସଫଳ ଭାବେ ଚାଷ କରୁଛନ୍ତି। ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ଗୌଡ଼ଗୋଠ, ମେରିକୋଟ, ଗୋଛା, ଗାଜଲବାଡ଼ି ଆଦି ପଞ୍ଚାୟତରେ ବିରି, ମୁଗ, କୋଳଥ ଜୈବିକ ପଦ୍ଧତିରେ ବେଶ୍ ଭଲ ଆଦାୟ ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ମେରିକୋଟ ଓ ଗୌଡ଼ଗୋଠ ପଞ୍ଚାୟତରେ ଜୈବିକ ପଦ୍ଧତିରେ ଚାଷ କରି ରେକର୍ଡ ସଂଖ୍ୟାରେ ବାଇଲ ମଞ୍ଜି ଉତ୍ପାଦନ କରାଯାଇପାରୁଛି। ଏହି ଚାଷ ଏବେ ମାନବ ସମାଜ ପାଇଁ ବେଶ୍ ସହାୟକ ହୋଇପାରିଛି ବୋଲି କହିଛନ୍ତି ପରିବେଶବିତ୍ । ଆଗରୁ ରାସାୟନିକ ସାର ପ୍ରୟୋଗ କରି ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ବର୍ତ୍ତମାନ ତାହା ଆବଶ୍ୟକ ପଡୁନି ବୋଲି କିଛି ଚାଷୀ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ସାମିଲ୍ ଥିବା ପ୍ରତ୍ୟେକ ଚାଷୀଙ୍କୁ ଜିଆ କୁଣ୍ଡ ପାଇଁ ୨,୫୦୦ ଟଙ୍କା ଏବଂ ପ୍ରତ୍ୟେକ ବର୍ଷ ୩,୩୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି ବୋଲି ବ୍ଲକ୍ କୃଷି ଅଧିକାରୀ ପ୍ରକାଶ କରିଛନ୍ତି। ସୋରଡ଼ା ବ୍ଲକ୍‌ରେ ପରମ୍ପରାଗତ କୃଷି ବିକାଶ ଯୋଜନାକୁ ପ୍ରୋଗ୍ରେସ୍ ନାମକ ଏକ ସଂସ୍ଥା ଜରିଆରେ କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନରେ ଏହା ସବୁ ପଞ୍ଚାୟତରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି ବୋଲି ବ୍ଲକ୍ ବିପିସି ଟୁଟୁ ବିଷୋୟୀ ପ୍ରକାଶ କରିଛନ୍ତି।

| ଏଯାଏ କରୋନା | |
|---|---|
| ଆକ୍ରାନ୍ତ | ୪୭,୬୧,୬୩୨ |
| ମୃତ | ୩,୧୪,୬୮୩ |
| ଆରୋଗ୍ୟ | ୧୮,୪୩,୬୮୮ |

www.sambadepaper.com/sambad.in

SAMBAD

ସମ୍ବାଦ

Monday 18 May 2020 | Page 16 with E2 ₹ 7.00

ଭୁବନେଶ୍ୱର | ସୋମବାର ୧୮ ମେ ୨୦୨୦ | ଇ୨ ସହ ୧୬ ପୃଷ୍ଠା, ମୂଲ୍ୟ ୭ ଟଙ୍କା

PRINTED AT BHUBANESWAR | BALASORE | JEYPORE | BARGARH

BERHAMPUR







# ଲାଞ୍ଜିପଲ୍ଲୀ ବାଇପାସ୍‌ରେ ପ୍ରବାସୀ ଓଡ଼ିଆଙ୍କୁ ଖାଦ୍ୟ ବଣ୍ଟନ

ବ୍ରହ୍ମପୁର, ୧୭/୫ (ଇମିସ): ବିଭିନ୍ନ ରାଜ୍ୟରୁ ଘରକୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କୁ ରାଜ୍ୟ ସରକାର ସହାୟତାର ହାତ ବଢ଼ାଇଛନ୍ତି। ବିଭିନ୍ନ ସଙ୍ଗଠନ ତରଫରୁ ମଧ୍ୟ ସେମାନଙ୍କୁ ଖାଦ୍ୟ ପାନୀୟ ଯୋଗାଇ ଦିଆଯାଉଛି। ଆଜି ପ୍ରଗତିଶୀଳ ଉତ୍କଳ ସମାଜ, ୟୁନିଭର୍ସାଲ୍ ରିଲିଫ୍ ଟିମ୍, ପ୍ରୋଗ୍ରେସ୍ ଓ ମାରୱାଡ଼ି ମହିଳା ସଂଗଠନର




ମିଳିତ ଆନୁକୂଲ୍ୟରେ ଲାଞ୍ଜିପଲ୍ଲୀ ବାଇପାସ୍‌ରେ ଶତାଧିକ ପ୍ରବାସୀ ଓଡ଼ିଆଙ୍କୁ ଖାଦ୍ୟ ବଣ୍ଟା ଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏଭଳି ପ୍ରବାସୀ ଶ୍ରମିକଙ୍କୁ ଖାଦ୍ୟ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ସମାଜର ରାଜ୍ୟ ସମ୍ପାଦକ ତଥା ଆଇନଜୀବୀ ସରୋଜ ରଂଜନ ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ୍ତ କୁମାର ମିଶ୍ର, ସୂର୍ଯ୍ୟନାରାୟଣ ବେହେରା, ମମତା ଚୌଧୁରୀ, ଡି. କେଶବ ରାଓ, ପଦ୍ମଚରଣ ଦାସ, ରୁବି ଖେମାନୀ, କେ. ନଟବର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

100 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2018-2020

- Brahmapur, Wednesday 20 May 2020
- ବ୍ରହ୍ମପୁର, ବୁଧବାର ୨୦ ମେ ୨୦୨୦
- ଆଜି ବୃଷ ୭ ଦିନ, ୧୪୨୭ ସାଲ
- ବୈଶାଖ ୩୦ ଦିନ, ୧୯୪୨ ଶକାବ୍ଦ, କୃଷ୍ଣପକ୍ଷ ତ୍ରୟୋଦଶୀ
- ଭାଗ- ୯୧ ସଂଖ୍ୟା- ୧୩୬
- www.thesamaja.com
  www.samajaepaper.com
  www.samajalive.in

ଟ ୫.୦୦ (୧୨ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

PRINTED AT CUTTACK, SAMBALPUR, BALESWAR, VISAKHAPATNAM

ସମାଜ
ଆପଣଙ୍କ ସହ ଆମେ ସବୁବେଳେ
ହ୍ୱାଟ୍‌ସଆପ୍: ୯୭୭୬୨୨୩୦୨୪

୧୦୦ବର୍ଷ ଧରି 'ସମାଜ' ଆପଣଙ୍କ ସୁଖଦୁଃଖର ସାଥୀ ହୋଇ ରହିଆସିଛି । ନିଜ ସାମର୍ଥ୍ୟ ଅନୁସାରେ ଘନିଷ୍ଠ ବନ୍ଧୁ ପରି ଆପଣଙ୍କ ପାଖରେ ଠିଆ ହୋଇଛି । ଏବେ ବୈଶ୍ୱିକ ମହାମାରୀ 'କରୋନା' ଆମ ସମସ୍ତଙ୍କ ପାଇଁ ଏକ ନୂଆ ଆହ୍ୱାନ । କରୋନା ସଂକ୍ରାନ୍ତରେ ଟିକିନିଖି ଖବର ଆପଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେ ଅଙ୍ଗୀକାରବଦ୍ଧ ।

ଏହା ସହ ବର୍ତ୍ତମାନ ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଆମର ଉଦ୍ୟମ ଅବ୍ୟାହତ ରହିଛି । ଆପଣ ଯଦି କରୋନାଜନିତ କୌଣସି ସମସ୍ୟାରେ ପଡ଼ିଛନ୍ତି; ତେବେ ଆମକୁ ନିମ୍ନ ହ୍ୱାଟସ୍‌ଆପ୍ ନମ୍ବରରେ ଜଣାନ୍ତୁ । ଆମେ ତାହାକୁ ଉପଯୁକ୍ତ ଭାବେ ଉପସ୍ଥାପନ କରିବୁ । ସରକାର ଓ ନୋଡାଲ ଏଜେନ୍ସି ନିକଟରେ ଆପଣଙ୍କ କଥା ପହଞ୍ଚାଇବାକୁ ଉଦ୍ୟମ କରିବୁ ।

# ଜାତୀୟ ରାଜପଥରେ ପ୍ରବାସୀଙ୍କୁ ଖାଦ୍ୟ ବଣ୍ଟନ

ବ୍ରହ୍ମପୁର, ୧୯।୫ (ବ୍ୟୁରୋ) ବିଭିନ୍ନ ରାଜ୍ୟରେ ଫସିଥିବା ଲୋକେ କାମଧନ୍ଦା ନ ପାଇ ଜାତୀୟ ରାଜପଥ ଦେଇ ଫେରୁଥିବା ପ୍ରବାସୀଙ୍କୁ ପ୍ରଗତିଶୀଳ ଉତ୍କଳ ସମାଜ, ଆନନ୍ଦମାର୍ଗ ୟୁନିଭର୍ସାଲ ରିଲିଫ୍ ଟିମ୍ (ଏମାର୍ଟ ଗ୍ଲୋବାଲ), ପ୍ରୋଗ୍ରେସ ଓ ମାରୱାଡ଼ି ମହିଳା ସଂଗଠନ ତରଫରୁ ମଙ୍ଗଳବାର ରନ୍ଧା ଖାଦ୍ୟ ସମେତ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଲାଞ୍ଜିପଲ୍ଲି ସନ୍ନିକଟ ଜାତୀୟ ରାଜପଥ ନଂ ୧୬ ଓ ଗୋଳନ୍ଥରା ପୁଲିସ ଷ୍ଟେସନରେ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ରନ୍ଧା ଖାଦ୍ୟ, ବିସ୍କୁଟ, ପାଣିବୋତଲ, ଦହି ସମେତ ମାସ୍କ ଯୋଗାଇ ଦିଆଯାଇଥିଲା । ସରକାରଙ୍କ ପକ୍ଷରୁ ଜାତୀୟ ରାଜପଥରେ ପ୍ରବାସୀଙ୍କ ଯାତାୟାତର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ବହୁ ପ୍ରବାସୀ ଚାଲି ଚାଲି ଏବଂ ସାଇକଲରେ ଫେରୁଥିବାରୁ ବିଭିନ୍ନ ଅନୁଷ୍ଠାନର ମିଳିତ ସହାୟତାରେ ରିଲିଫ ସହାୟତା ଯୋଗାଇଦିଆଯାଉଛି । ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ଆବାହକ ମନୋରଞ୍ଜନ ସାବତ, ଡ଼ି. କେଶବ ରାଓ, ଗୌରୀ ଶଙ୍କର ମହାନ୍ତି, ପଦ୍ମଚରଣ ଦାସ, ରୁବି ଖେମଣୀ, ସଂଯୋଜକ ଡ଼. ନଟବର ପାତ୍ର, ଯୋଗେନ୍ଦ୍ର ପ୍ରଧାନ, କୈଳାସ ମହାରଣା, ସୁରେନ୍ଦ୍ର ରାଉତ, ମୁନା ସାମନ୍ତରାୟ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସୁକାନ୍ତ ସାହୁ, ଉମା ନାୟକ, ଆଦିତ୍ୟ ସାହୁ, ସୂର୍ଯ୍ୟ ନାରାୟଣ ବେହେରା, ନିରଞ୍ଜନ ସାବତ, ଆଇନଜୀବୀ ପ୍ରଦୀପ୍ତ କୁମାର ମିଶ୍ର, ବଳରାମ ଦାସ, ଉମା ସାବତ ସମେତ ମାର୍କଣ୍ଡେଶ୍ୱର ଯୁବକ ସଂଘ ଓ ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ, ଆନନ୍ଦ ମାର୍ଗ ୟୁନିଭର୍ସାଲ ରିଲିଫ ଟିମ୍ (ଗ୍ଲୋବାଲ) ର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଆଚାର୍ଯ୍ୟ ନିର୍ଭୟାନନ୍ଦ ଖାଦ୍ୟ ବଣ୍ଟନରେ ପ୍ରମୁଖ ଭୂମିକା ତୁଲାଇଥିଲେ ।

ସିପିଏମ୍ :ସିପିଆଇ (ଏମ୍) ଗଞ୍ଜାମ ଜିଲା କମିଟି ତରଫରୁ ସୋମବାର ସକାଳେ ଜାତୀୟ ରାଜପଥଠାରେ ପ୍ରବାସୀ ଓଡ଼ିଆ ଫେରନ୍ତାଙ୍କୁ ଜଳଖିଆ, ବିସ୍କୁଟ, ପାଣି, କଦଳୀ ଇତ୍ୟାଦି କରାଯାଇଥିଲା । ଏଥିରେ ସିପିଆଇ (ଏମ୍) ରାଜ୍ୟ ସଂପାଦକ ଅଳି ପଟ୍ଟନାୟକ, ଜିଲା ସଂପାଦକ ମଣ୍ଡଳୀ ସଭ୍ୟ ବସନ୍ତ ନନ୍ଦ ଓ ଯୁଧିଷ୍ଠିର ବେହେରା, ଗୋପାଳ ପାଣିଗ୍ରାହୀ, ଏନ୍.ପି. ବ୍ରହ୍ମା, ଏସ୍ ପି. ମହାପାତ୍ର, ସନ୍ତୋଷ ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ । ଗତ ତିନିଦିନ ଧରି ଦଳ ପକ୍ଷରୁ ଏଭଳି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଚାଲୁ ରହିଛି ।

# ନିତିଦିନ
NITIDIN

NEW AGE MEDIA & PUBLICATIONS PVT. LTD.
PRINTED AT BHUBANESWAR

www.nitidin.com twitter.com/nitidintoday facebook.com/nitidintoday




| କରୋନା ସ୍ଥିତି | | |
|---|---|---|
| | ଆକ୍ରାନ୍ତ | ୫୫,୫୬,୭୨୪ |
| | ସୁସ୍ଥ | ୨୩,୩୨,୬୫୩ |
| | ମୃତ | ୩,୪୮,୨୩୧ |
| | ଆକ୍ରାନ୍ତ | ୧,୩୮,୮୪୪ |
| | ସୁସ୍ଥ | ୫୭,୬୨୧ |
| | ମୃତ | ୪,୦୨୧ |


RNI REG. NO. ODIODI/2016/62237 • POSTAL REGD. NO.BN/258/18-20

VOLUME 5 • ISSUE 10 • BHUBANESWAR • BERHAMPUR • SAMBALPUR • BALASORE • JALPUR • TUESDAY • 26 MAY 2020 • 12 PAGES


# ରାଜପଥରେ ପ୍ରବାସୀଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ



ବ୍ରହ୍ମପୁର,୨୫।୫(ଏନ୍‌ଏନ୍‌ଏସ୍): ଲକ୍‌ଡାଉନ୍ ଦିନଠାରୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ହଜାର ହଜାର ପ୍ରବାସୀ ଓଡ଼ିଆ ନିଜନିଜ ଅଞ୍ଚଳକୁ ଫେରୁଛନ୍ତି। ଏଭଳି ପରିସ୍ଥିତିରେ [illegible] ସାମଗ୍ରୀ, ପାଣି [illegible] ଖାଦ୍ୟ ସାମଗ୍ରୀ ଦେବା ପ୍ରକ୍ରିୟା ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଗତିଶୀଳ ଉତ୍କଳ ସମାଜ, ଆନନ୍ଦ ମାର୍ଗ ୟୁନିଭର୍ସାଲ ରିଲିଫ୍ ଟିମ୍, ପ୍ରୋଗ୍ରେସ୍, ମାରୱାଡ଼ି ମହିଳା ସଂଗଠନର ମିଳିତ ଉଦ୍ୟମରେ ଗତ ୮ ଦିନ ଧରି ଖାଦ୍ୟ ସାମଗ୍ରୀ ବିତରଣ କରାଯାଉଛି। ପ୍ରବାସୀଙ୍କୁ ବିତରଣ କରାଯାଉଥିବା ଖାଦ୍ୟ ସାମଗ୍ରୀ ମଧ୍ୟରେ ପୁରି(ଶୁଖିଲା ଖାଦ୍ୟ), ବିସ୍କୁଟ, ପାଣି ବୋତଲ, [illegible] ବିଭିନ୍ନ ସାମଗ୍ରୀ ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, [illegible] ଡ. କେଶବ ରାଓ, [illegible] ମହାରଣା, ପଦ୍ମଚରଣ ଦାସ, ରୁଚି ଖେମକା, [illegible] ପ୍ରଧାନ, [illegible] ସହାୟତା କରୁଛନ୍ତି। [illegible] ଏହି ଅବସରରେ [illegible] ମିଶ୍ର, [illegible] ସାହୁ, [illegible] ସାହୁ, [illegible] ଯୋଗ ଦେଇଥିଲେ।


prameyaodia prameyaodia www.prameyanews.com

# ପ୍ରମେୟ
THE PRAMEYA

RNI REGD NO: ODIODI/2011/37619 - POSTAL REGD NO: BN/208/18-20

VOLUME 10 • ISSUE 28 • BERHAMPUR

ବର୍ଷ ୧୦ • ସଂଖ୍ୟା ୨୮ • ବ୍ରହ୍ମପୁର

PRINTED AT BHUBANESWAR SAMBALPUR PANIKOILI | 29 MAY 2020 • FRIDAY | ୨୯ ମେ ୨୦୨୦ • ଶୁକ୍ରବାର | • 14 PAGES | ₹5.00


ଭିତରେ...
- ଟଳିଗଲା ଆଉ ଏକ ପୁଲୱାମା ହମ୍‌ଲା
- ମଦ ପିଇବା ମୌଳିକ ଅଧିକାର ନୁହେଁ: ଦିଲ୍ଲୀ ସରକାର
- ଟିକା ପ୍ରସ୍ତୁତିରେ ଭାରତର ୩୦ ସଂସ୍ଥା

କରୋନା ପ୍ରଭାବ
View Point
Page-5

ରାଶିଫଳ
ପୃଷ୍ଠା: ୮

# ଉତ୍କଳ ସମାଜର ଖାଦ୍ୟ ବଣ୍ଟନ



ବ୍ରହ୍ମପୁର, ୨୮।୫(ବ୍ୟୁରୋ): ଶତାଧିକ ପ୍ରବାସୀ ଶ୍ରମିକଙ୍କୁ ପ୍ରଗତିଶୀଳ ଉତ୍କଳ ସମାଜ, ଆନନ୍ଦ ମାର୍ଗ ୟୁନିଭର୍ସାଲ ରିଲିଫ୍ ଟିମ୍ (ଏମାର୍ଟ-ଗ୍ଲୋବାଲ୍) ପ୍ରୋଗ୍ରେସ୍ ଓ ମାରୱାଡ଼ି ମହିଳା ସଂଗଠନ ସହଯୋଗରେ ରାଜପଥ-୧୬ରେ ଖାଦ୍ୟ ବିତରଣ କରାଯାଉଛି। ସମାଜ ରାଜ୍ୟ ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, ଆଡ଼ଭୋକେଟ୍ ପ୍ରଦୀପ କୁମାର ମିଶ୍ର, ସୂର୍ଯ୍ୟ ନାରାୟଣ ବେହେରା, ମମତା ଚୌଧୁରୀ, ଡି. କେଶବ ରାଓ, ଜଗନ୍ନାଥ ଚେତନା ଫାଉଣ୍ଡେସନ୍ ସମ୍ପାଦକ ପଦ୍ମଚରଣ ଦାସ, ମହିଳା ସଂଗଠନର ରୁଚି ଖେମକା, କେ. ନଟବର ପାତ୍ର, ସାମ୍ବାଦିକ ମନୋରଞ୍ଜନ ସାବତ, କୈଳାସ ମହାରଣା, ଯୋଗେନ୍ଦ୍ର ପ୍ରଧାନ, ଅନନ୍ତ ଆପଟ, ସୁରେନ୍ଦ୍ର ରାଉତ, ସନ୍ତୋଷ ପାତ୍ର, ସନ୍ତୋଷ ସାବତ, ସୁକାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଉମା ନାୟକ, ଜିତେନ୍ଦ୍ର ମୁନି, ସରିତା ପଣ୍ଡା, ଗୌରୀ ଶଙ୍କର ମହାନ୍ତି ଯୋଗ ଦେଇଥିଲେ।

# ଜୈବିକ ଚାଷ ଆଲୋଚନାଚକ୍ର



ବ୍ରହ୍ମପୁର,୧୦।୧୦(ବ୍ୟୁରୋ): ରାଜ୍ୟ ସରକାରଙ୍କ ମାଣ୍ଡିଆ ମିଶନ ଓ ପ୍ରୋଗ୍ରେସ ଅନୁଷ୍ଠାନ ପକ୍ଷରୁ ସୋରଡ଼ା ବ୍ଲକ୍‌ର କୃଷି ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ମାଣ୍ଡିଆ ଓ ଜୈବିକ ଚାଷ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସୋରଡ଼ା ବ୍ଲକ କୃଷି ଅଧିକାରୀ ରାଜକିଶୋର ସ୍ୱାଇଁ, ସବିତାରାଣୀ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଲଘୁଜାତୀୟ ଖାଦ୍ୟ ମାଣ୍ଡିଆ, ବାଜରା, ଜହ୍ନା ଓ କାଙ୍ଗୁ ଭଳି ଶସ୍ୟର ଦୈନିକ ଖାଦ୍ୟରେ ବହୁଳ ବ୍ୟବହାର, ଏହାର ପୁଷ୍ଟିକର ଉପାଦେୟତା, ଚାଷ କ୍ଷେତ୍ରରେ ସରକାରଙ୍କ ପ୍ରୋତ୍ସାହନ, କୃଷକଙ୍କ ଅର୍ଥନୈତିକ ଅଭିବୃଦ୍ଧି ଓ ବିପଣନର ସୁବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ମାଣ୍ଡିଆକୁ ନେଇ ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ଏବଂ ସ୍କୁଲ ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ମାଣ୍ଡିଆ ଯୋଗାଣ ସହ ଏହାର ବହୁଳ ବ୍ୟବହାର ଉପରେ ସଭାରେ ଆଲୋଚନା ହୋଇଥିଲା । ମହିଳାଙ୍କ ସହଯୋଗରେ ବିଭିନ୍ନ ପଞ୍ଚାୟତରେ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବ୍ଲକ୍‌ର ସମସ୍ତ କୃଷି ଅଧିକାରୀ, ଗ୍ରାମସେବକଙ୍କ ସହ ପ୍ରୋଗ୍ରେସର ସମସ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

Scanned by CamScanner

# ଖାଦ୍ୟ ସୁରକ୍ଷାରେ ମିଳିବ ମାଣ୍ଡିଆ

• ଭୁବନେଶ୍ୱର, ପିଏନ୍‌ଏସ

ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ପୌଷ୍ଟିକ ଅଭିବୃଦ୍ଧି ନିମନ୍ତେ ପ୍ରତି କାର୍ଡଧାରୀ ପରିବାରକୁ ମାଣ୍ଡିଆ ଯୋଗାଣର ଏକ ପରୀକ୍ଷାମୂଳକ ପ୍ରୟାସ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତି କାର୍ଡ ପିଛା ୧ ଟଙ୍କା ଦରରେ ଏକ କିଲୋ ମାଣ୍ଡିଆ ଯୋଗାଇ ଦିଆଯିବ। ମାଲକାନଗିରି ଜିଲ୍ଲାର ହିତାଧିକାରୀଙ୍କୁ ୨ କିଲୋ ଲେଖାଏଁ ମାଣ୍ଡିଆ ମିଳିବ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଏହା ଯୋଗାଇ ଦିଆଯିବ। ଚଳିତ ବର୍ଷ ଜୁଲାଇ ମାସରେ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ସୂଚନାଯୋଗ୍ୟ, ପୂର୍ବରୁ କିଲୋ ପ୍ରତି ୧ ଟଙ୍କାରେ ପ୍ରତି କାର୍ଡ ଧାରୀଙ୍କୁ ଚାଉଳ ସରକାର ଯୋଗାଉଛନ୍ତି। ମୁଣ୍ଡପିଛା ୫ କେଜି ଲେଖାଏଁ ଚାଉଳ ପ୍ରଦାନ କରାଯାଉଛି। ଏହାର ମାଣ୍ଡିଆକୁ ପ୍ରୋତ୍ସାହନ ଦିଆଯାଉଛି। ଆସନ୍ତା ଖରିଫ ଋତୁରେ ୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କିଣିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମିଲେଟ ମିଶନ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବେସିପରି [illegible] ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ଦ୍ରବ୍ୟର ଚାହିଦାକୁ ପ୍ରୋତ୍ସାହିତ କରିବା ଲାଗି ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ମାଣ୍ଡିଆ ମିଶନ ଓ ଏହାର ସମ୍ଭାବ୍ୟ ବିଷୟବସ୍ତୁ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ମିଲେଟ ମିଶନ, ପିଡିଏସ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଖୁଚୁରା ବିକ୍ରୟ କେନ୍ଦ୍ରରେ ମାଣ୍ଡିଆ ମିଳୁଥିବା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ୟାନ କମିଶନର ଅଶୋକ କୁମାର ତ୍ରିପାଠୀ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳରେ ବିଭିନ୍ନ ପାର୍କଗୁଡ଼ିକ ଓ ବିଶିଷ୍ଟ ଜାଗା, ମିଠା ଦୋକାନଗୁଡ଼ିକ ଏବଂ ରିଟେଲ ବ୍ୟବସାୟ ସଂସ୍ଥାମାନଙ୍କ ସହ ମିଳିତଭାବେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଦ୍ରବ୍ୟର ଚାହିଦା ବଢ଼ାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି।

କୃଷି ସଚିବ ଶ୍ରୀ ଗର୍ଗ କହିଥିଲେ ଯେ, ପରୀକ୍ଷାମୂଳକଭାବେ ୭ଟି ଜିଲ୍ଲାର ୫ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ବଣ୍ଟନ କରାଯିବ। ଲୋକମାନଙ୍କର ଗ୍ରହଣୀୟତା ଏବଂ ପ୍ରୟାସର ପରିଣାମକୁ ବିଚାର କରି ଭବିଷ୍ୟତ କାର୍ଯ୍ୟଯୋଜନା ନିର୍ଦ୍ଧାରଣ କରାଯିବ। ଆସନ୍ତା ଖରିଫ ଋତୁରେ ମାଣ୍ଡିଆ ଚାଷୀମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୨୮୯୭ ଟଙ୍କା ସହାୟକ ମୂଲ୍ୟରେ ୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କିଣିବା ପାଇଁ ନିଷ୍ପତ୍ତି ହୋଇଛି। ମାଣ୍ଡିଆ କ୍ରୟର ଅସଲ ଲକ୍ଷ୍ୟ ହେଉଛି ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଅଧିକ ମୂଲ୍ୟ ଦିଆଯିବା ସହ ଶୋଷଣ ବିରୋଧରେ ରକ୍ଷା କରିବା। ବଜାରରେ ମାଣ୍ଡିଆ କାରବାରରେ ଅସାଧୁ ବ୍ୟବସାୟୀ ଏବଂ ମଧ୍ୟସ୍ଥ ଶୋଷଣକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ମଧ୍ୟ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

କୃଷି ନିର୍ଦ୍ଦେଶକ ମୁଥୁ କୁମାର କହିଥିଲେ ଯେ, ୨୦୧୮ ଖରିଫ ଋତୁରେ ୨୪, ୪୯୯ କୃଷକଙ୍କର ପଞ୍ଜୀକରଣ ଏବଂ ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୬୭୭ ଜଣ କୃଷକ ସେମାନଙ୍କର ନିଜର ଉତ୍ପାଦନ ପିପିସିକୁ ବିକ୍ରି କରିଥିଲେ। ୮ଟି ଜିଲ୍ଲାର ୨୮ଟି ସମବାୟ ସମିତି ମାଧ୍ୟମରେ ୧୭୯୮୬ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ସରକାରଙ୍କ ଏହି ମାଣ୍ଡିଆ କିଣା କାର୍ଯ୍ୟକ୍ରମ ଯୋଗୁଁ ପରୋକ୍ଷ ମାଣ୍ଡିଆ ବ୍ୟବସାୟୀମାନେ ମଧ୍ୟ କୃଷକମାନଙ୍କ ଠାରୁ ଅଧିକ ଦରରେ ମାଣ୍ଡିଆ କିଣିଥିଲେ।

କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, ଉଦ୍ୟାନ କମିଶନର ଅଶୋକ କୁମାର ତ୍ରିପାଠୀ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ସମବାୟ ସଚିବ ସହିତ ମିଲେଟ ମିଶନ, ପିଡିଏସ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶ ଗ୍ରହଣ କରିଥିଲେ।



- କିଲୋ ପ୍ରତି ୧ ଟଙ୍କାରେ କାର୍ଡଧାରୀଙ୍କୁ ଦିଆଯିବ
- ୭ ଜିଲ୍ଲାରେ ପରୀକ୍ଷାମୂଳକ ଭାବେ ଆରମ୍ଭ ଲାଗି ନିଷ୍ପତ୍ତି
- ଖରିଫରେ ୨ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କିଣାଯିବ
- ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୮୯୭ ଟଙ୍କା

# Millets in mid-day meals for districts under DMF

## STATE GOVT PROPOSES TO PROCURE 1 LAKH QUINTAL RAGI DURING THIS KHARIF SEASON

POST NEWS NETWORK

**Bhubaneswar, Sept 12:** In order to ensure that people have millets as part of their dishes, the state government has decided to include millets in mid-day meal (MDM) programme in districts covered under District Mineral Foundation (DMF) scheme.

This decision was taken at a high power committee meeting on Odisha Millets Mission held under the chairmanship of Development Commissioner Suresh Chandra Mahapatra at Loka Seva Bhawan here, Thursday.

The nine districts covered under DMF are: Angul, Dhenkanal, Jajpur, Jharsuguda, Keonjhar, Koraput, Mayurbhanj, Rayagada and Sundargarh, sources said.

The committee threw light on various aspects of Millets Mission and ways to strengthen the scheme across the state. Following distribution of ragi through the Public Distribution System (PDS) in seven districts during 2018-19, a survey will be conducted to get the feedback from the people.

Integration with different government programmes to increase millet consumption and market linkage with bigger agency for sustainability of millet cultivation were also discussed at the meeting.

Mahapatra emphasised on creating market linkage for millets through ORMAS. He also asked officials to enhance the consumption habit of the stakeholders for ragi.

This year, the state government has proposed to procure 1 lakh quintal ragi during Kharif season. Agriculture Production Commissioner (APC) Pradipta Mohapatra suggested opening up of common procurement centres for paddy and millets. If this is not possible, sub-procurement centres can be created near the mandis, he stated.

Ragi ladoos will also be part of children's diet at Anganwadi centres.

The National Conference on Nutri Cereal will be held here on World Food Day October 16 next at Krushi Bhawan.

Special Programme for Promotion of Millets in tribal areas of Odisha (Odisha Millets Mission) was launched by state government in 2017-18 in 30 blocks of 7 districts. It was extended to 72 blocks in 2018-19 covering 14 districts now.

The programme in 65 blocks of 13 districts is funded under State Plan while seven blocks of Keonjhar district are funded through DMF. The Centre has adopted Odisha Millets Mission as a model and advised all states to follow it.



The committee threw light on various aspects of Millets Mission and ways to strengthen the scheme across the state

Ragi ladoos will also be part of children's diet at Anganwadi centres

Mahapatra emphasised on creating market linkage for millets through ORMAS

SAMBAD
ସମ୍ବାଦ


# ଆନନ୍ଦମାର୍ଗ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ



କୋଣାର୍କ, ୧୨/୫ (ଇମିସ): ବାତ୍ୟା 'ଫନି'ରେ କୋଣାର୍କ ଏନ୍‌ଏସି ଓ ଗୋପ ବ୍ଲକର ପ୍ରଭାବିତ ଲୋକମାନଙ୍କୁ ଆନନ୍ଦମାର୍ଗ ୟୁନିଭରସିଆଲ୍ ରିଲିଫ୍ ଟିମ ପକ୍ଷରୁ ରନ୍ଧାଖାଦ୍ୟ ଓ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ଗୋପ ବ୍ଲକର ଅଚ୍ୟୁତପୁର, ବିରିପଦା, ନୀଳକଣ୍ଠେଶ୍ୱରପୁର, ସୁତନ ଏବଂ କୋଣାର୍କ ଏନ୍‌ଏସିର ଦେଉଳି, ଦିଗିଙ୍ଗୀ ଆଦି ଗ୍ରାମରେ ସଂସ୍ଥା ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବିପନ୍ନମାନଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ, ପଲିଥିନ୍ ପ୍ରଦାନ କରାଯାଇଛି। ଅର୍ମାଟ୍ ଗ୍ଲୋବାଲର ଜାତୀୟ ସମ୍ପାଦକ ଆଚାର୍ଯ୍ୟ ଅଗ୍ନିକିଦ୍ୟାନନ୍ଦ, ରାଜ୍ୟ ସଂଯୋଜକ ଜୟ ଶିବାନନ୍ଦ, ଭୁବନେଶ୍ୱର ଆଞ୍ଚଳିକ ପ୍ରମୁଖ ଆଚାର୍ଯ୍ୟ ସୁଭଦ୍ରାନନ୍ଦ, କୋଣାର୍କ ଆନନ୍ଦମାର୍ଗ ସ୍କୁଲର ଆଚାର୍ଯ୍ୟ ଦିମୁକ୍ତାନନ୍ଦ, ବାଲେଶ୍ୱର ଆଞ୍ଚଳିକ ପ୍ରତିନିଧି ଆଚାର୍ଯ୍ୟ ସତସୁଧାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

SAMBAD
ସମ୍ବାଦ
Sunday 30 December 2018 | Page 24+16 ₹ 7.00
ଭୁବନେଶ୍ୱର | ରବିବାର ୩୦ ଡିସେମ୍ବର ୨୦୧୮ | ୨୪+୧୬ ପୃଷ୍ଠା, ମୂଲ୍ୟ ୭ ଟଙ୍କା
PRINTED AT BHUBANESWAR | BALASORE | JEYPORE | BARGARH
BERHAMPUR
www.sambadepaper.com/sambad.in

ଭିତରେ
ଅଗଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର ଦୁର୍ନୀତି
ସୋନିଆଙ୍କ ନାମ ନେଇଛନ୍ତି ମିସେଲ୍: ଇଡି
୧୬ ଦିନ ବିତିଲା
ଖଣି ଶ୍ରମିକଙ୍କ ପତ୍ତା ମିଳୁନି

Brands of Odisha. Pride of India.
ସମ୍ବାଦ Corporate Excellence Awards 2019
ଆବେଦନ ପାଇଁ ପରିଦର୍ଶନ କରନ୍ତୁ:
www.sambadawards.com

# ଜିଲ୍ଲାରେ କାର୍ଯ୍ୟକାରୀ ହେବ ଓଡିଶା କ୍ଷୁଦ୍ରଶସ୍ୟ ମିସନ୍



ଛତ୍ରପୁର,୨୯/୧୨(ଇମିସ) : ଓଡିଶା କ୍ଷୁଦ୍ରଶସ୍ୟ ମିସନ୍ ଯୋଜନା ଗଞ୍ଜାମ ଜିଲ୍ଲାରେ ଚଳିତ ରବି ଋତୁରେ କାର୍ଯ୍ୟକାରୀ ହେବ। ଏହି ମସିନ୍ ଜରିଆରେ କିପରି ଚାଷୀମାନେ ସଫଳ ରୂପାୟନ ପାଇବେ ସେଥି ନିମନ୍ତେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ପରାମର୍ଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ମିସନ ଜିଲ୍ଲାର ସୋରଡା, ପାତ୍ରପୁର, ପୋଲସରା ଏବଂ ଧରାକୋଟ ୪ ଟି ବ୍ଲକରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ବ୍ଲକରେ ୪୬୭ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରିବା ଲାଗି ଯୋଜନା ରହିଛି। ବିଶେଷ କରି ଜିଲ୍ଲାର ଚାଷୀମାନେ ମାଣ୍ଡିଆ ଉତ୍ପାଦନ କରି କିଭଳି ଉଚିତମୂଲ୍ୟ ପାଇବେ ସେ ଦିଗରେ ପଦକ୍ଷେପ ନିଆଯିବ। ଏହାସହିତ ଅଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ବଦଳରେ ମାଣ୍ଡିଆ ଲଡୁ ପ୍ରଦାନ କରାଯିବାର ଯୋଜନା ରହିଛି। ଏଥିସହ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ମଧ୍ୟ ଏହି ମାଣ୍ଡିଆରେ ତିଆରି ପୁଷ୍ଟିକର ଖାଦ୍ୟ ଦିଆଯିବାକୁ ଯୋଜନା ରହିଛି। ଏଣୁ ଏହି ଯୋଜନାରେ ୪ ଟି ବ୍ଲକରେ ଉକ୍ତ ଚାଷ ଲାଗି ଚାଷୀଙ୍କୁ ଚିହ୍ନଟ କରାଯିବ। ଉକ୍ତ ଚାଷୀଙ୍କୁ ଫସଲ

## ୪ବ୍ଲକରେ ହେବ ମାଣ୍ଡିଆ ଚାଷ

ଉତ୍ପାଦନ ବୃଦ୍ଧି ନିମନ୍ତେ ବୈଷୟିକ ପ୍ରଣାଳୀର ତାଲିମ ଦିଆଯିବ ଏବଂ ସମସ୍ତ ପ୍ରକାର ସରକାରୀ ସୁବିଧା ସୁଯୋଗ ଯୋଗାଇବା ପାଇଁ ଜିଲ୍ଲାପାଳ କୃଷି ବିଭାଗ ପରାମାର୍ ଦେଇଛନ୍ତି। କୃଷି ବିଭାଗ, ଓ୍ୱାସନ୍ ବୈଷୟିକ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ମିଳିତ ଅନୁକୂଲ୍ୟରେ ଏହି ମସିନ୍ ଜିଲ୍ଲାରେ କାର୍ଯ୍ୟକାରୀ ହେବ। ଏଥିପାଇଁ ଓଡିଶା ସରକାରଙ୍କ ଠାରେ ୧୦ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆବେଦନ କରିଥିଲେ। ସେଥିରୁ ୪ ଟି ସ୍ୱେଚ୍ଛାସେବୀ ସଂଗଠନକୁ ଦାୟିତ୍ୱ ଦିଆଯିବ। ପୂର୍ବରୁ ଧରାକୋଟ ବ୍ଲକ ପାଇଁ ସାକଲ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପାତ୍ରପୁର ବ୍ଲକ ପାଇଁ ଭିୟୁ୍ୟଜ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଚୟନ କରାଯାଇଥିଲା। ଶନିବାର ପୋଲସରା ଏବଂ ସୋରଡା ବ୍ଲକ ନିମନ୍ତେ ସ୍ୱେଚ୍ଛାସେବୀ ସଂସ୍ଥା ଚୟନ ନିମନ୍ତେ ବୈଠକ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ୨ଟି ବ୍ଲକ ଲାଗି ୫ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆବେଦନ କରିଛନ୍ତି। ଖୁବଶୀଘ୍ର ୨ ବ୍ଲକ ଲାଗି ସ୍ୱେଚ୍ଛାସେବୀ ସଂସ୍ଥା ଚିହ୍ନଟ ଲାଗି ସ୍ଥିର ହୋଇଛି। ବୈଠକରେ କୃଷି ବିଭାଗର ଉପନିର୍ଦ୍ଦେଶକ ମନୋଜ କୁମାର ବେହେରା, ଆତ୍ମା ଏପିଡି ଏ.ସୂର୍ଯ୍ୟନାରାୟଣ ରାଓ, ଛତ୍ରପୁର କୃଷି ଅଧିକାରୀ ପି.କେ.ଦାଶ, ଖଲ୍ଲିକୋଟ କୃଷି ଅଧିକାରୀ ବି.ଏସ୍.ମାଝୀ, ଓ୍ୱାସନ୍ ସଂସ୍ଥାର କର୍ମଚାରୀ, ବୈଜ୍ଞାନିକ ଡ.ଆର୍ .କେ.ପାଢୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ.ଦେବାଶିଷ ସାହୁଙ୍କ ସମେତ ୫ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଜୈବିକ ଚାଷ ପ୍ରଣାଳୀ ସଚେତନତା କାର୍ଯ୍ୟକ୍ରମ




**ଛତ୍ରପୁର,୧୮।୧/ଏନ୍‌ଏନ୍‌ଏସ୍:** ସୋରଡ଼ା ବ୍ଲକ୍ ସାପୁଆପଲ୍ଲୀଠାରେ ସ୍ୱେଚ୍ଛାସେବୀ ସଂଗଠନ 'ପ୍ରୋଗ୍ରେସ୍' ପକ୍ଷରୁ ଜୈବିକ ଚାଷ ପ୍ରଣାଳୀ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରୋଗ୍ରେସର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ ଏବଂ କୃଷି ବିକାଶ ଯୋଜନାର ସୁଜିତ୍ ପଟ୍ଟନାୟକ ଯୋଗଦେଇ ଜୈବିକ ସାର ପ୍ରୟୋଗ ଏବଂ ଚାଷ ପ୍ରଣାଳୀ ଦ୍ୱାରା ହେଉଥିବା ଲାଭ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ । କମ୍ ସମୟରେ ଅଧିକ ଅମଳ ପାଇଁ ଚାଷୀ ଚାଷ କାର୍ଯ୍ୟରେ ରାସାୟନିକ ସାର ପ୍ରୟୋଗ କରିଥାଏ ।

ଏଥିଯୋଗୁଁ ଗଛରେ ବିଭିନ୍ନ ରୋଗ ଦେଖାଦେବା ସହ ଜମିର ଉର୍ବରତା ହ୍ରାସ ପାଇବା ସହ ଏହି ପ୍ରକ୍ରିୟାରେ ଉତ୍ପାଦିତ ଖାଦ୍ୟ ପଦାର୍ଥ ଗ୍ରହଣ କରିବା ଦ୍ୱାରା ଜନସାଧାରଣ ବିଭିନ୍ନ ବ୍ୟାଧିର ଶିକାର ହୋଇଥାନ୍ତି । ତେଣୁ ଏହି ପ୍ରକ୍ରିୟା ଠାରୁ ଦୂରେଇ ଜୈବିକ ଚାଷ ପ୍ରଣାଳୀ ପ୍ରତି ଚାଷୀ ଅଧିକ ଆଗ୍ରହ ଦେଖାଇବା ଦରକାର ବୋଲି ଏଠାରେ ବକ୍ତାମାନେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ବିଶ୍ୱାଳ, ପ୍ରଶାନ୍ତ ସେଠୀ, ସୂର୍ଯ୍ୟନାରାୟଣ ବେହେରା, ବୁଲୁ ମଲିକ, ନରସିଂହ ସାମନ୍ତରାୟ, ରାମକୃଷ୍ଣ, ଗଣେଶ ପାତ୍ର, ଉମା ପାତ୍ର, ସନ୍ତୋଷ ଶବର, ବିପିନ ବିହାରୀ ଗୌଡ଼, ଶିବ ସାହୁଙ୍କ ସମେତ ଅଙ୍ଗନବାଡି କର୍ମୀ, ମହିଳା ସହାୟିକା ଗୋଷ୍ଠୀ ଓ ବରିଷ୍ଠ ଚାଷୀମାନେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନିଗମାନନ୍ଦ ପାତ୍ର, ବଂଶୀ ମଲ୍ଲିକ, ସନ୍ତୋଷ କୁମାର ସାହୁ, ନାରାୟଣ ମଲ୍ଲିକ ଓ ବୁଲୁ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।